# Akashvani, Sambalpur

## SAMBALPURI NEWS EVENING BULLETIN

## 5 January 2026 - 7.02 pm- 7.12 pm.

**********************************************

୧- ପ୍ରଶାସନ୍ ଆଉ ଜନତାଙ୍କର୍ ଭିତ୍ରେ ଥିବା ବ୍ୟବଧାନ୍ ଦୂର୍ କର୍ବାର୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ- କହେଲେ ମୁଖ୍ୟମନ୍ତ୍ରୀ ।

- ୧୫ ଟା ଶିବିର୍ଥି ହେଇଛେ ୧୨ ହଜାର୍ ୭ ଶହନୁ ଅଏତ୍କା ଅଭିଯୋଗ୍ର ସମାଧାନ୍ ।

୨- ଭୁବ୍ନେଶ୍ୱର୍- କଟକ୍- ପୁରୀ- ପାରାଦ୍ୱୀପ୍ ଅର୍ଥନୈତିକ୍ କରିଡର୍ ପ୍ରକଳ୍ପର୍ ଅଗ୍ରଗତିର୍ ସମୀକ୍ଷା କଲେ ନୀତି ଆୟୋଗ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ।

୩- ଡେବ୍ରିଗଡ୍ ଅଭୟାରଣ୍ୟକେ ଖୋବ୍ ଜଲ୍ଦି ଅନାଯିବା ୨ ଟା ବାଘ୍ ।

ଆଉର୍

୪- ପୁରୀ ଶ୍ରୀନହର୍ ନ ଚାଲିଛେ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ପୁଷ୍ୟାଭିଷେକ୍ ନୀତି ।

- ଖଡ଼ିଆଲ୍ର ୧୯ ନମ୍ବର୍ ରାଜା ହେଲେ ଦେବଦେବ ସିଂହଦେଓ ।

ପ୍ରଶାସନ୍ ଆଉ ଜନତାଙ୍କର୍ ଭିତ୍ରେ ଥିବା ବ୍ୟବଧାନ୍ ଦୂର୍ କରିକରି ବ୍ୟବସ୍ଥାକେ ଲୁକ୍କର୍ ପାଖ୍କେ ପୁହୁଁଚାବାର୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ହେଇଥିବା ୧୬ ନମ୍ବର୍ ଜନଶୁଣାଣି ଶିବିର୍ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାଧାରଣ୍ ଲୁକ୍କର୍ ଅଭିଯୋଗ୍ ମାନ୍କର୍ ଶୁଣାଣି କରିଛନ୍ । ଶିବିର୍କେ ପୁହୁଁଚୁନ୍ସାର୍ ବାହାରେ ଟାକିଥିବା ୩୦ ଝନ୍ ଦିବ୍ୟାଙ୍ଗ ଆଉ ରୋଗୀମାନ୍କୁ ଭେଟିକରି ମୁଖ୍ୟମନ୍ତ୍ରୀ ସିଧାସଲଖ୍ ସେମାନ୍କର୍ ସମସ୍ୟା ପଚ୍ରେଇ ବୁଝିଥିଲେ । ଅଭିଯୋଗ୍ ପତ୍ର ନେଇକରି ସେମାନ୍କର୍ ଲାଗି ତୁର୍ତି ପଦକ୍ଷେପ୍ ନେବାର୍କେ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଥିଲେ । ଶିବିର୍ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ୭ ଝନ୍ ମନ୍ତ୍ରୀ ଉପସ୍ଥିତ୍ ରହିକରି ଲୁକ୍କର୍ ଅଭିଯୋଗ୍ ମାନ୍କର୍ ଶୁଣାଣି କରିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ଜରିଏ ଗଲା ୧୫ ଟା ଶିବିର୍ଥି ଆସିଥିବା ୧୩ ହଜାର୍ ୩ ଶହ ୫୮ ଟା ଅଭିଯୋଗ୍ ଭିତ୍ରୁ ୧୨ ହଜାର୍ ୭ ଶହ ୪୮ ଟା ଅଭିଯୋଗ୍ର ସମାଧାନ୍ କରାଯାଇଛେ । ମୋଟ୍ ଅଭିଯୋଗ୍ର ୯୫ ପ୍ରତିଶତ୍ ସମାଧାନ୍ କରାଯାଇଛେ । ଏବ୍ତକ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର୍ଥି ୬୫ ହଜାର୍ନୁ ଅଏତ୍କା ଲୋକ୍ ତାଙ୍କର୍ ଅଭିଯୋଗ୍ ଧରିକରି ଆସିଛନ୍ । ଇତାର୍ସହେତେ ଡାକ୍ ଜରିଏ ଆସିଥିବା ପାଖାପାଖି

ଦେଢ୍ ଲାଖ୍ ଅଭିଯୋଗ୍ ଭିତ୍ରୁ ଲାଖେ ୩୦ ହଜାର୍‌ନୁ ଅଏତ୍‌କା ଅଭିଯୋଗ୍‌ର ସମାଧାନ୍ କରାଯାଇଛେ ।

ଅଭିଯୋଗ୍ ଶୁଣାଣି ଶିବିର                ସୁବର୍ଣ୍ଣପୁର୍/ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍  ଜନ ଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୩୬ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୫ନ୍‌କୁ ୧୫ ହଜାର୍ ଆଉ ରେଡ୍‌କ୍ରସ୍ ପାଣ୍ଠିନୁ ୫ନ୍‌କୁ ୨୫ ହଜାର୍ ଟଙ୍କାର୍ ସାହାଜ୍ ଯୁଗେଇ ଦିଆଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସୋନ୍‌ପୁର୍ ନ ବ୍ଲକ୍ ସ୍ତରୀୟ ମିଳିତ ଅଭିଯୋଗ୍ ଶୁଣାଣି ଶିବିର ହେଇଛେ । ଇଥି ୫୨ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୫ ଟା ଅଭିଯୋଗ୍‌ର ତୁର୍ତି ସମାଧାନ୍ କରାଯାଇଥିଲା । ଜିଲ୍ଲା ନ ଅନୁସୂଚିତ ଜନଜାତି ସମ୍ପ୍ରଦାୟର୍ ଲୁକ୍‌କର୍ ସ୍ୱତନ୍ତ୍ର ଭାବେ ଅଭିଯୋଗ୍ ଶୁଣାଣି କରାଯାଇଥିଲା । ଇଥି ୯ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ୍‌ ଜିଲ୍ଲାପାଲ୍‌ଙ୍କର୍‌ କାର୍ଯ୍ୟାଳୟ ପରିସର୍‌ ନ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୩୬ ଟା ଅଭିଯୋଗ୍‌ ଆସିଥିଲା ।

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍‌ କାର୍ଯ୍ୟାଳୟ ପରିସର୍‌ ନ ହେଇଥିବା ଅଭିଯୋଗ୍‌ ଶୁଣାଣି ଶିବିର୍‌ଥି ୭୨ ଟା ଅଭିଯୋଗ୍‌ ଆସିଥିଲା ।

ଶିବିର୍‌ ମାନ୍‌କେ ଜିଲ୍ଲାପାଲ୍‌ ଆର୍‌ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍‌ ମାନ୍‌କୁ ଗ୍ରହଣ୍‌ କରିକରି ତୁର୍‌ତି ସମାଧାନ୍‌ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍‌ ଦେଇଛନ୍‌ ।

ଅର୍ଥନୈତିକ କରିଡର୍‌ ହି.ସ.

ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍‌ ସୁବ୍ରମଣ୍ୟମ୍‌ ଆଉ ମୁଖ୍ୟ ଶାସନ୍‌ ସଚିବ ଅନୁ ଗର୍ଗଙ୍କର୍‌ ଭିତ୍‌ରେ ଆଏଜ୍‌ ଭୁବ୍‌ନେଶ୍ୱର୍‌ ଲୋକ୍‌ସେବା ଭବନ୍‌ ନ ଗୁରୁତ୍ୱପୂର୍ଣ୍ଣ ବୈଠକ୍‌ ହେଇଯାଇଛେ । ବୈଠକ୍‌ଥି ଭୁବ୍‌ନେଶ୍ୱର୍‌- କଟକ୍‌- ପୁରୀ- ପାରାଦ୍ୱୀପ୍‌କେ ନେଇକରି ହେଇଥିବା ଅର୍ଥନୈତିକ୍‌ କରିଡର୍‌ ପ୍ରକଳ୍ପର୍‌ ଅଗ୍ରଗତି ବାବ୍‌ଦେ ଆଲୋଚନା କରାଯାଇଛେ । ଭିଜନ୍‌ -୨୦୩୬ ଆଉ ୨୦୪୭କେ କାର୍ଯ୍ୟକାରୀ କର୍‌ବାର୍‌ ଲାଗି ମୁଖ୍ୟ ଶାସନ୍‌ ସଚିବଙ୍କର୍‌ ଅଧ୍ୟକ୍ଷତାଥି ଗୁଟେ କମିଟି ଗଠନ୍‌

କରାଯିବା ବଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ । ଇତାର୍ ସହେତେ ଆଦିବାସୀଙ୍କର୍ ବିକାଶ୍ ଲାଗି ଖାସ୍ ଯୋଜ୍ନା ତିଆର୍ କରାଯାଇଛେ । ଯୁଆନ୍ ଗୋଷ୍ଠୀର୍ କାର୍ଯ୍ୟଦକ୍ଷତା ଆଉ ନିଯୁକ୍ତି ଉପ୍ରେ ଜୋର୍ ଦିଆଯାଉଛେ । ଅକ୍ଷୟ ଶକ୍ତି, ସବୁଜ ଶକ୍ତି ବଢ଼ାବାର୍ ଲାଗି ଯୋଜ୍ନା ତିଆର୍ କରାଯିବାର୍ ସଙ୍ଗେ ଖାସ୍ କମିଟି ଗଠନ୍ କରାଯିବା ବଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ ।

ଡେବ୍ରିଗଡ଼୍ -ବାଘ ହି.ସ.

ଡେବ୍ରିଗଡ଼୍ ଅଭୟାରଣ୍ୟକେ ଖୋବ୍ ଜଲ୍ଦି ୨ ଟା ବାଘ ଅନାଯିବା ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ଇ ବାବ୍ଦେ ଜାତୀୟ ବ୍ୟାଘ୍ର ସଂରକ୍ଷଣ୍ କର୍ତ୍ତୃପକ୍ଷଙ୍କର୍ ସଙ୍ଗେ ଯୋଗାଯୋଗ୍ ଚାଲିଛେ । ଇଥିର୍‌ଲାଗି ଡେବ୍ରିଗଡ଼୍ ଇଲାକାର୍ ଲୁକ୍‌କର୍ ସହଯୋଗ୍ ଦର୍‌କାର୍ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍...
(ଭଏସ୍ ଓଭର୍- ଗଣେଶ୍ ରାମ୍ ସିଂ ଖୁଂଟିଆ)

ପୁରୀ ଗଜପତି- ପୁଷ୍ୟାଭିଷେକ ପୁରୀ ସମ୍ବାଦଦାତା

ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ପୁଷ୍ୟାଭିଷେକ୍ ନୀତି ମୁଲ୍ ହେଇଛେ । ଶ୍ରୀନହର୍ ନ ଗଜପତି ମହାରାଜ୍ ସିଂହାସନ୍ଥି ବସ୍ଲା ଉତ୍ରୁ ଷୋଳ ଶାସନ୍ ବ୍ରାହ୍ମଣ ସହେତେ ୩୨ କରବାଡ଼ ବ୍ରାହ୍ମଣ ଆଉ ପଣ୍ଡିତ ମାନେ ଶ୍ରୀଫଳ ଆଉ ପଏତା ଦେଇକରି ନୀତି ପାଲନ୍ କର୍ବେ । ପଂଚ ଦେବତା ପୂଜା କର୍ବାର୍ ଉତ୍ରୁ ଶାସ୍ତ୍ରୀୟ ପୂଜା, ରାମଭିଷେକ ନୀତି କରାଯାଇକରି ପୁଷ୍ୟାନକ୍ଷତ୍ର ଯୋଗଥି ମହାରାଜ୍ଙ୍କର୍ ଅଭିଷେକ୍ କରାଯିବା । ଗଜପତି ମହାରାଜ୍ଙ୍କର୍ ସୁଶାସନ୍ ସଙ୍ଗେ ରାଷ୍ଟ୍ର କଲ୍ୟାଣ୍ ଲାଗି ଇ ନୀତି ପାଲନ୍ କରାଯାଏସି ।

ଖଡ଼ିଆଲ୍ ରାଜା-ରାଜ୍ୟାଭିଷେକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ନ ୧୯ ତମ ରାଜା ଭାବେ ଯୁବରାଜ୍ ଦେବଦେବ ସିଂହଦେଓ ଙ୍କର୍ ଆଏଜ୍ ରାଜ୍ୟାଭିଷେକ୍ କରାଯାଇଛେ । ରାଜା ଜିତାମିତ୍ର ପ୍ରସାଦ୍ ସିଂହଦେଓଙ୍କର୍ ପରଲୋକ୍ ହେବାର୍ ଉତ୍ରୁ ଆଏଜ୍ ତାଙ୍କର୍ ପୁଓ ଦେବଦେବ ସିଂହଦେଓଙ୍କର୍ ଖଡ଼ିଆଲ୍ ଦର୍ବାର୍ ହଲ୍ ନ ରାଜ୍ୟାଭିଷେକ କରାଯାଇଛେ । ରାଜ୍ପୁରୋହିତ୍, ଜ୍ୟୋତିଷ, ପାଟଯୋଷୀ, ସେବାୟତ୍, ବୁଦ୍ଧିଜୀବୀ ଆଉ ସଚେତନ୍ ନାଗରିକ୍ମାନ୍କର୍ ସହେତେ ବହୁତ୍ଟେ ରାଜପରିବାର୍ର ସଦସ୍ୟ ମାନେ ଇ ଅବ୍ସରେ ଉପସ୍ଥିତ୍

ଥିଲେ । ଦେବଦେବ ସିଂହଦେଓଙ୍କର୍ ରାଜ୍ୟାଭିଷେକ୍ ଉତ୍ରୁ ତାଙ୍କର୍ ପିତା ଜିତାମିତ୍ର ସିଂହଦେଓଙ୍କର୍ ଅନ୍ତିମ୍ ସହ୍କାର୍ କରାୟାଇଥିଲା । ଅନ୍ତିମ୍ ସହ୍କାର୍ ଆଘୋନୁ ତାଙ୍କର୍ ପାର୍ଥିବ୍ ଶରୀର୍କେ ନଗର୍ ପରିକ୍ରମା କରାୟାଇଥିଲା । ବହୁତ୍ଟେ ବିଶିଷ୍ଟ ବ୍ୟକ୍ତି ତାଙ୍କର୍ ଶେଷ୍ ଦର୍ଶନ୍ କରିଥିଲେ ।

ଶ୍ରୀମନ୍ଦିର ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଭିତ୍ରେ ପ୍ରୋଟୋକଲ୍ ଦର୍ଶନ୍ ବ୍ୟବସ୍ଥାକେ ନେଇକରି ଗଲାକାଏଲ୍ ଘଟିଥିବା ଘଟ୍ନା ବାବ୍ଦେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ଜରୁରୀ ବୈଠକ୍ ହେଇୟାଇଛେ । ବୈଠକ୍ ଉତ୍ରୁ ଶ୍ରୀ ପାଢ଼ୀ କହିଛନ୍, ଘଟ୍ନାର ତଦନ୍ତ୍ ଲାଗି ଆରକ୍ଷୀ ଅଧିକ୍ଷକଙ୍କୁ ଦାୟିତ୍ୱ ଦିଆୟାଇଛେ । ଶ୍ରୀମନ୍ଦିର୍ ପ୍ରଶାସନିକ୍ ଅଧିକାରୀ ଭିଲ୍ ଘଟ୍ନାର୍ ତର୍ଜମା କର୍ବେ । ତଥ୍ୟ ଆଉ ପ୍ରମାଣ୍ ଆଧାର୍ଥି ଦୋଷୀଙ୍କର୍ ବିରୋଧିଥି କଡ଼ା କାର୍ୟ୍ୟାନୁଷ୍ଠାନ୍ ନିଆୟିବା । ଆଏବା ଦିନେ ଏନ୍ତା ଘଟ୍ନା ଯେନ୍ତା ନାଇଁ ଘଟ୍ବା, ସେ ଦିଗେ ସମ୍କୁ ସଚେତନ୍ ରହେବାର୍କେ ପରାମର୍ଶ ଦିଆୟାଇଛେ । ପାଳିଆ ସେବକଙ୍କର୍ ଛଡ଼ା ଶ୍ରୀମନ୍ଦିର୍ ଭିତର୍କେ ଆଉ କେହି ମୋବାଇଲ୍ ଫୋନ୍ ନାଇଁ ନେଇପାରନ୍ ବଲି ବୈଠକ୍ଥି ନିଷ୍ପତି ନିଆୟାଇଛେ । ପ୍ରୋଟୋକଲ୍ ଦର୍ଶନ୍ ଲାଗି

ଆସୁଥିବା ଶ୍ରଦ୍ଧାଳୁମାନ୍‌କର୍ ରେକର୍ଡ଼ ରଖାଯିବା ବଲି ଶ୍ରୀ ପାଢ଼ୀ କହିଛନ୍ ।

ଜାତୀୟ ପକ୍ଷୀ ମହୋତ୍ସବ I&PR

ରାଜ୍ୟ ପର୍ଯ୍ୟଟନ୍, ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ଆଏବା କାଏଲ୍‌ଠାନୁ ଚିଲିକାଠାନେ ଜାତୀୟ ପକ୍ଷୀ ମହୋତ୍ସବ ଆୟୋଜନ୍ କରାଯାଉଛେ । ମହୋତ୍ସବ୍‌କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଭାସୀ ଜରିଏ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ମହୋତ୍ସବ୍ ଜୈବ ବିବିଧତାର୍ ସଂରକ୍ଷଣ୍ ସାଙ୍ଗେ ଚିଲିକା ନ ପକ୍ଷୀମାନ୍‌କର୍ ସୁରକ୍ଷା ଆଉ ଦାୟିତ୍ୱ ସମ୍ପନ୍ନ ପର୍ଯ୍ୟଟନ୍ ଅଭ୍ୟାସ୍‌କେ ତହଁକାବାର୍ ଦିଗେ ସାହାଜ୍ କର୍‌ବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ଜାତୀୟ ପକ୍ଷୀ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର

ପକ୍ଷୀ ମାନ୍‌କର୍ ସୁରକ୍ଷା ଦିଗେ ସଚେତନ୍‌ତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ଜାତୀୟ ପକ୍ଷୀ ଦିବସ୍ ପାଲନ୍ କରାଯାଉଛେ । ପରିବେଶ୍ ସନ୍ତୁଲନ୍ ଲାଗି ପକ୍ଷୀ ମାନ୍‌କୁ ମାନବ୍ ସମାଜ୍‌ର ବନ୍ଧୁ

ବଲି କୁହାଯାଏସି । ପ୍ରାକୃତିକ ବାସସ୍ଥାନ କମ୍‌ବାର୍ ସହେତେ ଶିକାର୍ ଆର୍ ଜଳବାୟୁ ପରିବର୍ତନ୍ ପକ୍ଷୀମାନ୍‌କର୍ ସଂଖ୍ୟା କମ୍‌ବାର୍ କାରଣ୍ ଆଏ ବଲି ପରିବେଶ୍‌ବିତ୍‌ମାନେ କହୁଛନ୍ । ମୁନୁଷ୍ ସମାଜ୍ ଲାଗି ଉପକାରୀ ଶାଗୁଣା ଆର୍ ଘର୍‌ଚଟିଆ ବାଗିର୍ ପକ୍ଷୀମାନ୍‌କର୍ ସଂଖ୍ୟା କମ୍‌ବାର୍‌କେ ନେଇକରି ପରିବେଶ୍‌ବିତ୍‌ମାନେ ଉଦ୍‌ବେଗ ପ୍ରକାଶ୍ କରିଛନ୍ । ଜାତୀୟ ପକ୍ଷୀ ଦିବସ୍ ବାବ୍‌ଦେ ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍‌ର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ଅଂଶୁପ୍ରଜ୍ଞା ଦାସ)

ବୌଦ୍ଧ ମହୋତ୍ସବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଓଡ଼ିଶାର୍ ଅନନ୍ୟ କଳା, ସଂସ୍କୃତି, ସାହିତ୍ୟ ଆଉ ପରମ୍ପରାକେ ବଂଚେଇକରି ରଖିଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବୌଦ୍ଧ ମହୋତ୍ସବଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବୌଦ୍ଧ ଜିଲ୍ଲା ଖୋବ୍ ଜଲ୍‌ଦି ସାଂସ୍କୃତିକ୍ ଆଉ ବାଣିଜ୍ୟର୍ କେନ୍ଦ୍ରସ୍ଥଲ୍ ହେବାର୍‌କେ ଯାଉଛେ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ । ମହୋତ୍ସବ୍‌ଥି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଭିଲ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ଲୋକ୍‌ମହୋତ୍ସବ୍, ପଲ୍ଲିଶ୍ରୀ ମେଳା  ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ନ ଚାଲିଥିବା ୨୮ ନମ୍ବର ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଆଉ ପଲ୍ଲିଶ୍ରୀ ମେଳାର୍ ଦୁଇ ନମ୍ବର୍‌ଦିନେ ଆଏଜ୍ ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍, ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା କୁମୁଦୀନୀ ନାୟକ୍, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ୍, ରେଙ୍ଗାଲି ବ୍ଲକ୍ ଅଧ୍ୟକ୍ଷ ସତ୍ୟନାରାୟଣ୍ ଅଗ୍ରୱାଲ୍ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଆଏଜ୍ ଭିଲ୍ ରାଜ୍ୟ ଆଉ ରାଜ୍ୟ ବାହାରୁ ସାଂସ୍କୃତିକ୍ ଦଲ୍‌ମାନେ କାର୍ଯ୍ୟକ୍ରମ୍ ପରିବେଷଣ୍ କରୁଛନ୍ ।

ବୌଦ୍ଧ-କୃଷକ୍ ସମାବେଶ୍            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ ହଲ୍ ପରିସର୍ ନ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ୍ ସଂଘ ତର୍‌ଫୁ ଗୁଟେ କୃଷକ୍ ସମାବେଶ୍ ହେଇଯାଇଛେ । ସମାବେଶ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲାର୍ ଚାଷୀ ଆଉ ଚାଷ୍‌ର ସାମଗ୍ରିକ୍ ବିକାଶ୍ ଉପ୍‌ରେ ଜୋର୍ ଦେଇଥିଲେ । ବୌଦ୍ଧ ଜିଲ୍ଲା ନ ଚାଷ୍ ଉପ୍‌ରେ ବଡ଼ଭାଗୀ ଲୁକ୍‌କର୍ ଜୀବନ୍ ଜୀବ୍‌କା ରହୁଛେ । ଇତାକେ ନଜର୍‌ଥି ରଖିକରି ଜିଲ୍ଲାର୍

ନଏଦ୍ ନଲିଆ ମାନ୍‌କେ ଡେମ୍ ତିଆର୍ କର୍‌ବାର୍ ସହେତେ ଚାଷୀର୍ ଅର୍ଥନୈତିକ୍ ଅଭିବୃଦ୍ଧି ଲାଗି ଗୁଟେ ଦାବିପତ୍ର ବିଧାୟକ୍‌ଙ୍କର୍ ଜରିଏ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍‌ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୪ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ କମି କରି ଶୀତ୍ ବଢ଼ିପାରେ ।

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ କୁହୁଡ଼ି ହେବା । ଘନାକୁହୁଡ଼ିକେ ନେଇକରି ବଲାଙ୍ଗିର୍, ବୌଦ୍ଧ ସହେତେ ୧୦ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।